# ଟଙ୍କା ପଇସା ହିସାବ

ଆମେ ସମାନ ।





- ଉପରେ ଥିବା ନୋଟ ପରିମାଣ ସହ ତଳ ଧାଡ଼ିରେ ଥିବା ଯେଉଁ ନୋଟମାନଙ୍କର ପରିମାଣ ସମାନ ତାକୁ ତୀର ଚିହ୍ନ ଦେଇ ଯୋଡ଼ ।











● ମଝିଘର ଟଙ୍କାର ପରିମାଣ ଯେଉଁ ଘରର ଟଙ୍କାର ପରିମାଣ ସହ ସମାନ ତାକୁ ତୀର ଚିହ୍ନ ଦେଇ ଚିହ୍ନାଅ ।




● ଶୂନ୍ୟସ୍ଥାନ ପୂରଣ କର ।

୧୦ ଟଙ୍କା = ______ଟି ୫ ଟଙ୍କିଆ

= ______ଟି ୨ ଟଙ୍କିଆ

୫୦ ଟଙ୍କା = ______ଟି ୧୦ ଟଙ୍କିଆ

= ______ଟି ୫ ଟଙ୍କିଆ

= ୩ଟି ୧୦ ଟଙ୍କିଆ + ______ଟି ୫ ଟଙ୍କିଆ

= ______ଟି ୨୦ ଟଙ୍କିଆ + ________ଟି ୧୦ ଟଙ୍କିଆ

୧୦୦ ଟଙ୍କା = ______ଟି ୫୦ ଟଙ୍କିଆ

= ______ଟି ୫୦ ଟଙ୍କିଆ + ______ଟି ୨୦ ଟଙ୍କିଆ +______ଟି ୧୦ ଟଙ୍କିଆ

= ______ଟି ୨୦ ଟଙ୍କିଆ + ୪ ଟି ଦଶ ଟଙ୍କିଆ + ______ଟି ୫ ଟଙ୍କିଆ

- ଡୀର ଚିହ୍ନ ଦେଇ ମିଳାଅ ।

| | |
|---|---|
| ୨ଟି ୨୦ ଟଙ୍କିଆ + ୩ଟି ୧୦ ଟଙ୍କିଆ | ୮୫ ଟଙ୍କା |
| ୩ଟି ୧୦ ଟଙ୍କିଆ + ୫ଟି ୫ ଟଙ୍କିଆ | ୭୫ ଟଙ୍କା |
| ୧ଟି ୫୦ ଟଙ୍କିଆ + ୨ଟି ୨୦ ଟଙ୍କିଆ | ୯୦ ଟଙ୍କା |
| ୬ଟି ୧୦ ଟଙ୍କିଆ + ୩ଟି ୫ ଟଙ୍କିଆ | ୭୦ ଟଙ୍କା |
| ୩ଟି ୧୦ ଟଙ୍କିଆ + ୧୦ଟି ୫ ଟଙ୍କିଆ | ୫୫ ଟଙ୍କା |
| ୭ଟି ୫ ଟଙ୍କିଆ + ୫ଟି ୧୦ ଟଙ୍କିଆ | ୮୦ ଟଙ୍କା |
| | ୧୦୦ ଟଙ୍କା |

- ତଳେ ବିଭିନ୍ନ ଖେଳଣାର ଦାମ୍ ଲେଖାଯାଇଛି । ଲକ୍ଷ୍ୟ କର ।


୭୫ ଟଙ୍କା


୫୦ ଟଙ୍କା


୮୦ ଟଙ୍କା


୮୫ ଟଙ୍କା


୧୨୫ ଟଙ୍କା


୧୭୫ ଟଙ୍କା

- ଦାମ୍ ମିଶି କେତେ ହେବ ?

(କ) ମାଛ ଓ କୁକୁଡ଼ା ଦାମ୍ ମିଶି ________ + ________ =

(ଖ) ଶୁଆ ଓ ଠେକୁଆ ଦାମ୍ ମିଶି ________ + ________ =

(ଗ) କୁକୁର ଓ ଠେକୁଆ ଦାମ୍ ମିଶି ________ + ________ =

(ଘ) ଶୁଆ ଓ କାଉ ଦାମ୍ ମିଶି ________ + ________ =

(ଙ) କୁକୁଡ଼ା ଓ କୁକୁର ଦାମ୍ ମିଶି ________ + ________ =

(ଚ) କାଉ ଓ ମାଛ ଦାମ୍ ମିଶି ________ + ________ =

କଲମ ଓ ରବର ________ + ________

ବହି ଓ ପେନସିଲ ________ + ________

ବହି ଓ ରବର ________ + ________

କଲମ ଓ ବହି ________ + ________

ପେନସିଲ ଓ କଲମ ________ + ________


ରବର – ୪ ଟଙ୍କା


ବହି – ୧୮ ଟଙ୍କା


ପେନସିଲ – ୬ଟଙ୍କା


କଲମ – ୧୫ ଟଙ୍କା

● ବାପା ନରେଶଙ୍କୁ ସାଙ୍ଗରେ ନେଇ ପରିବା କିଣିବାକୁ ବଜାର ଗଲେ । ଆଳୁ ଓ କୋବି ୨ଟି ଜିନିଷ କିଣିବେ । ୪ଟି ପରିବା ଦୋକାନ ଥିଲା ।













ବାପା ନରେଶଙ୍କୁ ପଚାରିଲେ, କେଉଁ ଦୋକାନରୁ ଆଳୁ ଓ କୋବି କିଣିଲେ କମ୍ ଦାମ୍‌ରେ ଆମେ କିଣିବା । ନରେଶ ହିସାବ କଲା ।

| | ୧ମ ଦୋକାନ | ୨ୟ ଦୋକାନ | ୩ୟ ଦୋକାନ | ୪ର୍ଥ ଦୋକାନ |
|---|---|---|---|---|
| ଆଳୁ | ଟ ୫.୦୦ପ. | ଟ ୫.୫୦ପ. | ଟ. ୪.୭୫ପ. | ଟ ୫.୦୦ପ. |
| କୋବି | ଟ ୧୨.୦୦ପ. | ଟ ୧୩.୦୦ପ. | ଟ ୧୪.୦୦ପ. | ଟ ୧୨.୫୦ପ. |
| | ଟ ୧୭.୦୦ପ. | ଟ ୧୮.୫୦ପ. | ଟ ୧୮.୭୫ପ. | ଟ ୧୭.୫୦ପ. |

କହ, କେଉଁ ଦୋକାନରୁ କିଣିଲେ କମ୍ ଦାମ୍ ଦେବାକୁ ହେବ ?

■ ସେହିପରି ହିସାବ କରି କହ, କେଉଁ କେଉଁ ଦୋକାନରେ କମ୍ ଦାମ୍ ଦେବା ?

- ଆଳୁ ଓ ପିଆଜ କିଣିଲେ
- ପିଆଜ ଓ ବାଇଗଣ କିଣିଲେ
- କୋବି ଓ ପିଆଜ କିଣିଲେ
- ଆଳୁ ଓ ବାଇଗଣ କିଣିଲେ

ଆଳୁ ଓ ପିଆଜ କିଣି ଚତୁର୍ଥ ଦୋକାନର ଦୋକାନୀକୁ ୨୦ ଟଙ୍କା ଦେଲେ, ସେ କେତେ ଫେରାଇବ ?

| | ଟ. ପ |
|---|---|
| | ୨୦. ୦୦ |
| − | ୧୩. ୦୦ |
| | ୭. ୦୦ |

ଚତୁର୍ଥ ଦୋକାନରୁ ପିଆଜ ଓ ବାଇଗଣ କିଣି ୫୦ଟଙ୍କା ଦେଲେ, ସେ କେତେ ଫେରାଇବ ?

| | ଟ. ପ. |
|---|---|
| | ୫୦. ୦୦ |
| − | ୧୭. ୦୦ |
| | ୩୩. ୦୦ |

ତୃତୀୟ ଦୋକାନରୁ କୋବି ଓ ପିଆଜ କିଣି ୨୫ ଟଙ୍କା ଦେଲେ, ସେ କେତେ ଫେରାଇବ ?

| | ଟ. ପ. |
|---|---|
| | ୨୫. ୦୦ |
| − | ୨୧. ୦୦ |
| | ୪. ୦୦ |

## ଅଭ୍ୟାସ

୧. (କ) ୧୦୦ ଟଙ୍କା ବଦଳରେ_____ଟି ୫୦ ଟଙ୍କିଆ ନୋଟ୍ ମିଳିବ।

(ଖ) ୫୦ ଟଙ୍କା ବଦଳରେ_____ ଟି ୨୦ଟଙ୍କିଆ ନୋଟ୍ ଓ_____ ଟି ୧୦ଟଙ୍କିଆ ନୋଟ୍ ମିଳିବ।

(ଗ) ୨୦ ଟଙ୍କା ବଦଳରେ_____ ଟି ୧୦ଟଙ୍କିଆ ନୋଟ୍ ଓ _____ଟି୫ଟଙ୍କିଆନୋଟ୍ ମିଳିବ।

(ଘ) ୫ ଟଙ୍କା ବଦଳରେ _____ ଟି ୨ଟଙ୍କିଆ ନୋଟ ଓ _____ ଟି ୧ଟଙ୍କିଆ ନୋଟ୍ ମିଳିବ।

| | |
|---|---|
| ୨. ତୁମେ ୨୦ ଟଙ୍କା ଦେଇ ଗୋଟିଏ ବଲ୍ ଓ ୬୭ ଟଙ୍କା ଦେଇ ଗୋଟିଏ ବ୍ୟାଟ୍ କିଣିଲ । ମୋଟ କେତେ ଟଙ୍କା ଖର୍ଚ୍ଚ କଲ ? | ବଲ୍ ଦାମ = ____________<br>ବ୍ୟାଟ୍ ଦାମ୍ = ____________<br>ମୋଟ ଦାମ = ____________ |
| ୩. ରହିମ୍ ବଜାରକୁ ୯୫ ଟଙ୍କା ନେଇ ଯାଇଥିଲା । ସେ ୬୮ ଟଙ୍କା ଦେଇ କୁକୁଡ଼ାଟିଏ କିଣିଲା । ତେବେ ତା' ପାଖରେ ଆଉ କେତେ ଟଙ୍କା ବଳିଲା ? | ରହିମ୍ ପାଖରେ ଥିଲା = ____________<br>କୁକୁଡ଼ା କିଣିଲା = ____________<br>ରହିଲା = ____________ |
| ୪. ଗୋଟିଏ ଖେଳନାର ଦାମ୍ ୬୦ଟଙ୍କା ୮୦ ପଇସା । ତୁମ ପାଖରେ ୪୫ ଟଙ୍କା ଅଛି । ଆଉ କେତେ ଟଙ୍କା ହେଲେ ତୁମେ ଖେଳନାଟି କିଣିବ ? | ଖେଳନାର ଦାମ= ____________<br>ପାଖରେ ଅଛି = ____________<br>ଆଉ ଦରକାର = ____________ |
| ୫. ଗୀତା ପାଖରେ ୯୧ଟଙ୍କା ୫୦ ପଇସା ଅଛି । ମିତା ପାଖରେ ତା' ଠାରୁ ୧୨ ଟଙ୍କା ୨୫ ପଇସା କମ୍ ଅଛି । ମିତା ପାଖରେ କେତେ ଟଙ୍କା ଅଛି ? | |
| ୬. ହରି ପାଖରେ ୨୫ ଟଙ୍କା ୭୫ ପଇସା ଥିଲା । ମାମୁ ତାକୁ ୫୦ ଟଙ୍କା ଦେଲେ । ସେ ୬୦ଟଙ୍କା ୫୦ ପଇସା ଦେଇ ସାର୍ଟ କିଣିଲା । ତା' ପାଖରେ ଆଉ କେତେ ରହିଲା ? | |